ପ୍ରଗତିବାଦୀ
PRAGATIVADI

# ହୋମି ଭାବା କ୍ୟାନସର ହସ୍ପିଟାଲର ଶିଳାନ୍ୟାସ

■ ଭୁବନେଶ୍ୱର, ତା ୩।୧୦ (ପିଏନଏସ) ରାଜ୍ୟସରକାର ସ୍ୱାସ୍ଥ୍ୟ ସେବାକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଟଣୀ ସ୍ଥିତ ନାଇଜର କ୍ୟାମ୍ପସରେ ୨୦୦ ଶଯ୍ୟାଯୁକ୍ତ ହୋମି ଭାବା କ୍ୟାନସର ହସ୍ପିଟାଲର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।




- ୨୦୨୫ ସୁଦ୍ଧା କାର୍ଯ୍ୟକ୍ଷମ ହେବ
- ସରକାର ୬୫ ଏକର ଜମି ଦେବେ
- ମେଡିକାଲ ସାଇକ୍ଲୋଟ୍ରୋନ ଲାଗି ୧୫୦କୋଟି ଅନୁଦାନ
- ବିଏସକେୱାଇ କାର୍ଡଧାରୀ ମାଗଣା ଚିକିତ୍ସା ପାଇବେ

ହସ୍ପିଟାଲର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ଆଟମିକ ଏନର୍ଜି ବିଭାଗ, ନାଇଜର ଏବଂ ଟାଟା ଷ୍ଟିଲ ଫାଉଣ୍ଡେସନର ମିଳିତ ଉଦ୍ୟମରେ ଆରମ୍ଭ ହେଉଥିବା ଏହି ଜନକଲ୍ୟାଣକାରୀ ଯୋଜନାକୁ ପ୍ରଂଶସା କରିଥିଲେ। ସେ କହିଥିଲେ ରାଜ୍ୟ ସରକାର ୯୪ ଲକ୍ଷ ପରିବାରକୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ଲାଗି ପ୍ରତିବଦ୍ଧ। ଏଥିଲାଗି ମେଡିକାଲ ଭିତ୍ତିଭୂମି ବିକାଶ, ଡାକ୍ତର ନିଯୁକ୍ତି, ନୂଆ ମେଡିକାଲ କଲେଜ ସ୍ଥାପନ କରାଯାଉଛି। ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନା ମାଧ୍ୟମରେ ଗରିବ ଲୋକଙ୍କୁ ଉନ୍ନତମାନର ଚିକିତ୍ସା ସୁବିଧା ପ୍ରଦାନ କରାଯାଉଛି। ଏଥିଲାଗି ରାଜ୍ୟ ସରକାର ପ୍ରତିମାସରେ ୧ଲକ୍ଷ ୨୫ ହଜାର ରୋଗୀଙ୍କ ଲାଗି ୨୨୫ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସେହିଭଳି ୨୦୨୨ରେ ରାଜ୍ୟ ସରକାର ଟାଟା ମେମୋରିଆଲ ହସ୍ପିଟାଲ ସହିତ ୨୦୦ ବେଡର କ୍ୟାନସର ହସ୍ପିଟାଲ ସ୍ଥାପନ ଲାଗି ରାଜିନାମା ସ୍ୱାକ୍ଷର କରିଥିଲେ। ଏବେ କ୍ୟାନସରର ଉନ୍ନତ ଚିକିତ୍ସା ଲାଗି ଆଉ ଓଡିଶା ଲୋକଙ୍କୁ ମୁମ୍ବାଇ ଯିବାକୁ ପଡିବନି। ରାଜ୍ୟ ବାହାରେ କ୍ୟାନସର ଭଳି ଦୁରାରୋଗ୍ୟ ରୋଗର ଚିକିତ୍ସା ଲୋକଙ୍କ ପକ୍ଷେ ମାନସିକ ଦୁଶ୍ଚିନ୍ତାର କାରଣ ପାଲଟିଥିଲା। ଭାବା କ୍ୟାନସର ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର ଦ୍ୱାରା ଓଡିଶା ସମେତ ପଡୋଶୀ ଝାଡଖଣ୍ଡ, ବିହାର, ପଶ୍ଚିମବଙ୍ଗ ଛତିଶଗଡ ଲୋକମାନେ ଲାଭପାଇପାରିବେ। ଟାଟା ଷ୍ଟିଲ ଏହି ହସ୍ପିଟାଲ ନିର୍ମାଣ ଲାଗି ୨୫୦ କୋଟି ଟଙ୍କା ଖର୍ଚ୍ଚ କରିବ। ସେହିଭଳି ଆଟୋମିକ ଏନର୍ଜୀ ବିଭାଗ ୪୦୦ କୋଟି ଟଙ୍କାର ମେଡିକାଲ ଯନ୍ତ୍ରପାତୀ, ଧର୍ମଶାଳା ଓ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ ଲାଗି ୪୦୦ କୋଟି ଟଙ୍କା ପ୍ରଦାନ କରିବ। ରାଜ୍ୟ ସରକାର ମଧ୍ୟ ଏହି ହସ୍ପିଟାଲ ଲାଗି ୬୫ ଏକର ଜମିସହିତ ମେଡିକାଲ ସାଇକ୍ଲୋଟ୍ରୋନ ଲାଗି ୧୫୦ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ୨୦୨୫ ଡିସେମ୍ବର ମାସ ସୁଦ୍ଧା ଏହି ହସ୍ପିଟାଲ ପୂର୍ଣ୍ଣକାର୍ଯ୍ୟକ୍ଷମ ହେବ । ସେହିଭଳି କ୍ୟାନସର ସେଣ୍ଟରକୁ ଯିବା ଲାଗି ଉନ୍ନତ ରାସ୍ତା, ଗମନାଗମନ ଲାଗି ମୋ ବସ ସୁବିଧା ଏବଂ ଏକ ଦମକଳ କେନ୍ଦ୍ର ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଆଟମିକ ଏନର୍ଜି ବିଭାଗ ସଚିବ ଅଜିତ ମହାନ୍ତି, ଟାଟା ଷ୍ଟିଲ ନିର୍ଦ୍ଦେଶକ ଏବଂ ନାଇଜରର ନିର୍ଦ୍ଦେଶକ ଉପସ୍ଥିତ ଥିଲେ।

Article published in: Pragativadi, Bhubaneswar Edition, 04.10.2023, Page No. 2